# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସଫେଇ ଅଭିଯାନ



କୋରାପୁଟ,୨୫।୭(ଅନୁପମ ମିଡିଆ): ଗଭୀର ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପକ୍ଷରୁ ଏକ ଉଲ୍ଲେଖନୀୟ ଏନଏସଏସ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ପ୍ରଦୂଷଣମୁକ୍ତ ସମାଜର ବିକାଶ ପାଇଁ ଅସାଧାରଣ ଜ୍ଞାନର ପ୍ରଭାବଶାଳୀ କାର୍ଯ୍ୟର ପ୍ରୟୋଗ । ଏକାଡେମିକ ବ୍ଲକ ପରିସରରେ ଆୟୋଜିତ ଏହି ସଫେଇ ଅଭିଯାନରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ରେଜିଷ୍ଟ୍ରାର ତଥା ଭାଷା ବିଭାଗର ଡିନ ପ୍ରଫେସର ଏନ. ସି.ପଣ୍ଡା, ମୁଖ୍ୟ ୱାର୍ଡେନ ଡ. କପିଳ ଖେମୁଣ୍ଡୁ, ଡିନ୍ ଛାତ୍ର କଲ୍ୟାଣ ଡ. ରାମେନ୍ଦ୍ର କୁମାର ପାଢ଼ୀ, ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ଡ. ଟି. ଅଞ୍ଜାନେୟୁଲୁ ଯୋଗ ଦେଇଥିଲେ । କୁଳପତି ପରିବେଶକୁ ସମ୍ମାନ ଦେବା ବିଷୟରେ ମୂଲ୍ୟବାନ ସୂଚନା ଦେଇ କହିଲେ, ଏହି ପଦକ୍ଷେପ ଏକ ସ୍ୱଚ୍ଛ ଏବଂ ସବୁଜ କ୍ୟାମ୍ପସକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି । ବିଭିନ୍ନ ସଂକଳ୍ପ ଓ ଜୀବନ୍ତ ଆଭିମୁଖ୍ୟରେ ପରିଚିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଗୋପବନ୍ଧୁ ଦାସ, ମହମ୍ମଦ ବାଜି ଓ ଗଙ୍ଗାଧର ମେହେରଙ୍କ ଭଳି ଐତିହାସିକ ଜନନାୟକଙ୍କ ନାମରେ ନାମିତ ହୋଇଥିଲେ । ଜଣେ ମୁଖ୍ୟଙ୍କ ସମେତ ୧୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ପ୍ରତ୍ୟେକ ଗ୍ରୁପ ଆନ୍ତରିକତାର ସହ ଅଂଶଗ୍ରହଣ କରିଥିଲେ । ପ୍ରାୟ ୧୫୦ ଜଣ ଏନଏସଏସ ସ୍ୱେଚ୍ଛାସେବୀ ସମଗ୍ର କାର୍ଯ୍ୟକ୍ରମରେ ସକାରାତ୍ମକ ଦୃଷ୍ଟିକୋଣ ଏବଂ ସକ୍ରିୟ ଅଂଶଗ୍ରହଣ ପ୍ରଦର୍ଶନ କରିଥିଲେ । ପ୍ଲାଷ୍ଟିକ, ବର୍ଜ୍ୟ ବୋତଲ, ପଲିଥିନ୍ ଓ ରାପର୍ ଭଳି ଆବର୍ଜନା ସଂଗ୍ରହ କରାଯାଇଥିଲା । କ୍ଷତିକାରକ ସାମଗ୍ରୀ ବ୍ୟବହାର କରିବା ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କୁ ଜୁଟ ବ୍ୟାଗ, କାଗଜ ସାମଗ୍ରୀ ଓ ବାଉଁଶ କାରିଗରୀ ଭଳି ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ପ୍ରୋତ୍ସାହିତ କରାଯାଇଥିଲା । ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି